# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 October – 2024**

# ବାତ୍ୟା 'ଦାନା'

ସାମୁଦ୍ରିକ ଝଡ଼ 'ଦାନା' ସ୍ଥଳଭାଗ ଅତିକ୍ରମ କରିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ସାମୁଦ୍ରିକ ଝଡ଼ 'ଦାନା' ସନ୍ନିକଟ ଭିତରକନିକାସ୍ଥିତ ହବାଳିଖଟି ପ୍ରାକୃତିକ ଶିବିର ଏବଂ ଧାମରା ମଧ୍ୟରେ ଉତ୍ତର ଓଡ଼ିଶା ଉପକୂଳକୁ ରାତି ସାଢ଼େ ଗୋଟାଏରୁ ସାଢ଼େ ୩ଟା ମଧ୍ୟରେ ଅତିକ୍ରମ କରିବା ସହ ଉତ୍ତର ଉତ୍ତର-ପଶ୍ଚିମ ଦିଗରେ ଅଗ୍ରସର ହେଉଛି। ବର୍ତ୍ତମାନ 'ଦାନା'ର ପଶ୍ଚାତଭାଗ ସ୍ଥଳଭାଗ ମଧ୍ୟକୁ ପ୍ରବେଶ କରିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାକୁ ଆଉ ପ୍ରାୟ ଏକ ଘଣ୍ଟା ଲାଗିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ସ୍ଥଳଭାଗକୁ ଅତିକ୍ରମ କଲାପରେ ସାମୁଦ୍ରିକ ଝଡ଼ଟି ଉତ୍ତର ଓଡ଼ିଶା ମଧ୍ୟ ଦେଇ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ପରବର୍ତ୍ତୀ ସମୟରେ ଧୀରେ ଧୀରେ ଦୁର୍ବଳ ହୋଇ ଆଜି ପୂର୍ବାହ୍ନରେ ଭୀଷଣ ବାତ୍ୟାଟି ବାତ୍ୟାରେ ପରିବର୍ତ୍ତିତ ହେଉଛି। ଅପରାହ୍ନ ସୁଦ୍ଧା ବାତ୍ୟା 'ଦାନା' ଗଭୀର ଅବପାତ ଓ ପରେ ଅବପାତରେ ପରିଣତ ହେବାର ସମ୍ଭାବନା

ଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି ।

ସାମୁଦ୍ରିକ ଝଡ଼ 'ଦାନା'ର ସ୍ଥଳଭାଗ ପ୍ରବେଶ ସମୟରେ ଭିତରକନିକା ଓ ଧାମରା ନିକଟବର୍ତ୍ତୀ ସମୁଦ୍ରରେ ୧ ମିଟରରୁ ଅଧିକ ଜୁଆର ଆସିଥିଲା। ସେହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିଲୋମିଟର ରହିଥିଲା। ସ୍ଥଳ ବିଶେଷରେ ଏହାର ତୀବ୍ରତା ଘଣ୍ଟା ପ୍ରତି ୧୨୦ କିଲୋମିଟରକୁ ବୃଦ୍ଧି ପାଇଥିଲା। ଭିତରକନିକା ଅଞ୍ଚଳରେ ଜୁଆର ପ୍ରବେଶ କରିଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି। ବିଭିନ୍ନ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ଜାରି ରହିଛି। ବାତ୍ୟା ସମ୍ପୂର୍ଣ୍ଣ ଅତିକ୍ରମ କରିବା ପର୍ଯ୍ୟନ୍ତ ବର୍ଷା ଏବଂ ପବନ ଜାରି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲା ସାମୁଦ୍ରିକ ଝଡ଼ 'ଦାନା'ରେ ପ୍ରଭାବିତ ହୋଇଛି।

ସାମୁଦ୍ରିକ ଝଡ଼ 'ଦାନା' ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ସମ୍ଭାବନା ରହିଥିବା ବେଳେ ଉତ୍ତର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୯ଟି ଜିଲ୍ଲା ଅନୁଗୁଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ଯାଜପୁର, ଭଦ୍ରକ, ଢେଙ୍କାନାଳ, ପୁରୀ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଏହି

ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଭଦ୍ରକ ଜିଲ୍ଲାର ଚାନ୍ଦବାଲିଠାରେ ୧୩୧ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱରଠାରେ ୪୨ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ ହୋଇଛି ।

ବାତ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । କେତେକ ସ୍ଥାନରେ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଥିବା ଜଣାପଡ଼ିଛି । ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ପକ୍ଷରୁ ଗଛକାଟି ରାସ୍ତା ସଫା କରିବା କାର୍ଯ୍ୟ ଆରମ୍ଭ କରାଯାଉଛି ।

ସୂଚନା ଅନୁଯାୟୀ, ମଧ୍ୟରାତ୍ରୀ ସୁଦ୍ଧା ୫ ଲକ୍ଷ ୮୪ ହଜାର ୮୮୮ ଜଣଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିବାବେଳେ ବାଲେଶ୍ୱର ଜିଲ୍ଲାର ସର୍ବାଧିକ ୧ ଲକ୍ଷ ୭୨ ହଜାର ୯୧୬ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ  ସ୍ଥାନାନ୍ତର କରାଯାଇଥିଲା । ଅନ୍ୟପକ୍ଷରେ ୪ ହଜାର ୪୩୧ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ମା' ଗୃହକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧ ହଜାର ୬୦୦ ଜଣ ମହିଳା ନବଜାତ ଶିଶୁଙ୍କୁ ଜନ୍ମ ଦେଇଛନ୍ତି ।  ସେହି ସମୟ ମଧ୍ୟରେ ୧୯ ହଜାର ୪୭୬ଟି ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା ।

ସାମୁଦ୍ରିକ ବାତ୍ୟା 'ଦାନା' ସ୍ଥଳଭାଗ ସ୍ପର୍ଶ କରିବାପରେ ବିଭିନ୍ନ ସ୍ଥାନରେ ମୁତୟନ ହୋଇଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା ବାହିନୀ- ଏନ୍‌ଡିଆରଏଫ୍, ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ବାହିନୀ- ଓଡ୍ରାଫ୍, ଅଗ୍ନିଶମ ବିଭାଗ ଏବଂ ସମୁଦ୍ରରେ ମୁତୟନ ହୋଇଥିବା ନୌସେନାର ସ୍ୱତନ୍ତ୍ର ବୁଡ଼ାଳି ଓ କାର୍ଯ୍ୟଦଳ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଆରମ୍ଭ କରିଛନ୍ତି ।

## ପ୍ରଧାନ ବିଚାରପତି

ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନା  ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଖାନାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି ବୋଲି କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜ୍ଜୁନରାମ ମେଘୱାଲ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଗତ ସପ୍ତାହରେ ସୁପ୍ରିମକୋର୍ଟର  ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ବରିଷ୍ଠତା ଆଧାରରେ ଜଷ୍ଟିସ୍ ଖାନାଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଆସନ୍ତା ମାସ ୧୦ ତାରିଖରେ ଅବସର ଗ୍ରହଣ କରିବେ । ଜଷ୍ଟିସ୍ ସଞ୍ଜୀବ ଖାନା ନଭେମ୍ବର ମାସ ୧୧ ତାରିଖରେ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ।

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ବାତ୍ୟା 'ଦାନା' ପରବର୍ତ୍ତୀ ସାହାଯ୍ୟ ଓ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୨୮ ତାରିଖରେ ବନ୍ଦ ରହିବ। ଏ ନେଇ ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଆସନ୍ତା ୨୮ ତାରିଖ ପାଇଁ ପଞ୍ଜୀକରଣ କରିଛନ୍ତି, ସେମାନେ ମୁଖ୍ୟମନ୍ତ୍ରୀଙ୍କର ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ସେମାନଙ୍କ ପାଇଁ ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।